# aurAkashvani, Sambalpur

## SAMBALPURI NEWS BULLETIN

### 21 August 2025 - 6.47- 6.52 am.

**********************************************

ସିଙ୍ଗଲ୍ ୱିଣ୍ଡୋ କମିଟି I&PR

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବସିଥିବା ଏକକ ବାତାୟନ ଅନୁମୋଦନ୍ କର୍ତୃପକ୍ଷ ବୈଠକ୍ଥି ରାଏଜେ ୪ ହଜାର ୫ ଶହ ୧୫ କୋଟିର୍ ୧୮ଟା ପୁଞ୍ଜିନିବେଶ ପ୍ରସ୍ତାବ୍କେ ଅନୁମୋଦନ୍ ମିଲିଛେ । ଇ ସବୁ ଶିଳ୍ପ ପ୍ରକଳ୍ପ ସୁନ୍ଦରଗଡ଼, ଝାରସୁଗୁଡ଼ା ସହେତେ ରାଜ୍ୟର୍ ୮ଟା ଜିଲ୍ଲା ନ ଥାପ୍ନା ହେବା । ଇତାର୍ ଜରିଏ ୮ ହଜାର ୨ ଶହ ନିଯୁକ୍ତି ସୃଷ୍ଟି କର୍ବାର୍କେ ଆଶା କରାଯାଉଛେ ।

ଝାରସୁଗୁଡ଼ା ନ ରୋଲିଂ ମିଲ୍, ପେଲେଟ୍ ପ୍ଲାଂଟ, କେପ୍ଟିଭ୍ ଶକ୍ତି କେନ୍ଦ୍ର ଥାପ୍ନା ଲାଗି ୯ ଶହ ୯୦ କୋଟିର ପୁଞ୍ଜିନିବେଶ୍ କରାଯିବା । ଇଥି ୨ ହଜାର ରୋଜଗାର୍ ସୃଷ୍ଟି କରାଯିବା । ସେନ୍ତା ସୁନ୍ଦରଗଡ଼ ନ ଶହେ ୩୧ କୋଟିନୁ ଅଏତ୍କା ଟଙ୍କା ନିବେଶ୍ କରାଯାଇକରି ବାୟୋ ଗ୍ୟାସ୍ ୟୁନିଟ୍ ଆଉ ଷ୍ଟିଲ୍ ପ୍ରୋସେସିଂ ୟୁନିଟ୍ ଥାପ୍ନା କରାଯିବା । ଇତାର୍ ଜରିଏ ୪ ଶହ ନିଯୁକ୍ତି ସୃଷ୍ଟି କର୍ବାର୍ ଲକ୍ଷ୍ୟ ରଖାଯାଇଛେ ।

ମୁଖ୍ୟମନ୍ତ୍ରୀ-ଏମ୍ଏସ୍ଏମ୍ଇ ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍ଠାନେ ଏମ୍ଏସ୍ଏମ୍ଇ ବିଭାଗର୍ କାମ୍ମାନ୍କର ସମୀକ୍ଷା କରିଛନ୍ । ଇ ଅବସ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏମ୍ଏସ୍ଏମ୍ଇ କ୍ଷେତ୍ରର୍ ୧୧ ଲାଖ୍‌ନୁ ଅଏତ୍କା ଉଦ୍ୟୋଗ୍, ୮୭ ଲାଖ୍‌ନୁ ଅଏତ୍କା ଲକ୍ଷପତି ଦିଦିଙ୍କର୍ କାମ୍‌କେ ତହଁକାବା, ସରକାରୀ ସଂସ୍ଥା ମାନ୍‌କେ ବିଭାଗର୍ ଉତ୍ପାଦିତ୍ ଦରବ୍ ବେଭାର୍ ଉପ୍‌ରେ ଜୋର୍ ଦେଇଛନ୍ । ଏମ୍ଏସ୍ଏମ୍ଇ କ୍ଷେତ୍ରକେ ସବୁ ବେଙ୍କ ଯେନ୍ତା ସହଜ୍ ଆଉ ସରଲ୍ ଭାବେ ଅଏତ୍କା ଋଣ ଦେବେ ସେ ଦିଗ୍‌କେ ଧ୍ୟାନ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ସହେତେ ଫି ଜିଲ୍ଲା ନ ଏମ୍ଏସ୍ଏମ୍ଇ ପାର୍କ ଥାପ୍‌ନା କାମ୍‌କେ ତୁର୍ତି କର୍‌ବାର୍ ଲାଗି ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଏଫ୍‌ସିଆଇ-ମଡ଼ିଆ ଘିନା I&PR

ଓଡ଼ିଶାର୍ ମଡ଼ିଆର୍ ପୁଷ୍ଟିକର୍ ଗୁନ୍ ଦେଖିକରି ଭାରତୀୟ ଖାଦ୍ୟ ନିଗମ୍ ଇ ବଛର୍ ପହେଲା କରି ରାଏଜୁ ମଡ଼ିଆ ଘିନ୍‌ବାର୍ ମୁଲ୍ କରିଛେ ।

ନିଗମ୍ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ୪୦ ହଜାର ମେଟ୍ରିକ୍ ଟନ୍ ମଡ଼ିଆ ଘିନ୍‌ବାର୍ ଲକ୍ଷ୍ୟ ରଖିଥିଲା ବେଲ୍‌କେ ପହେଲା ଖେପେ କୋରାପୁଟ୍ ଆଉ ନବରଙ୍ଗପୁର ଜିଲ୍ଲା ନ ୨ ହଜାର ୬ ଶହ ୪୨ ମେଟ୍ରିକ୍ ଟନ୍ ମଡ଼ିଆ ଘିନିଛେ । ଇ ସମିଆଥି ରାଜ୍ୟର୍ ୬୪ ହଜାରନୁ ଅଏତ୍‌କା ଚାଷୀଙ୍କର୍‌ଠାନୁ ୭୫ ହଜାର ମେଟ୍ରିକ୍ ଟନ୍ ମଡ଼ିଆ ଘିନାଯାଇଥିଲା ।

ସିଆର୍‌ପିଏଫ୍- ଗଛ ଜଗା I&PR

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ଆଏବା ମାସ ୧୭ ତାରିଖ୍ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ-ସିଆର୍‌ପିଏଫ୍ ତର୍‌ଫୁ ୨ ଲାଖ୍ ଗଛ୍ ଜଗାଯିବା । ସାରା ରାଏଜେ ଭିନ୍ ଭିନ୍ ଫଲ୍ ଗଛ୍ ଆଉ ଉପ୍‌କାରୀ ଗଛ୍ ଜଗାଯିବା । ଇ ବାବ୍‌ଦେ ଗଲାକାଏଲ୍ ଜଙ୍ଗଲ ଆଉ ପରିବେଶ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ସିଆର୍‌ପିଏଫ୍ କେମ୍ପ ଥିବା ଜିଲ୍ଲାମାନ୍‌କେ  କେମ୍ପ ପରିସର୍ ନ ଆଉ ଜିଲ୍ଲାପାଲ୍‌ମାନେ ବାଛିଥିବା ଜାଗାମାନ୍‌କେ ଗଛ୍ ଜଗାଯିବା ।

## ମାନବ-ହାତୀ ସହାବସ୍ଥାନ କର୍ମଶାଳା I&PR

ମାନବ-ହାତୀ ସହାବସ୍ଥାନ ଶିର୍ଷକଥି ଦୁଇଦିନିଆ ଅନ୍ତର୍ଜାତୀୟ କର୍ମଶାଳା ଆଏଜ୍‌ଠାନୁ ଭୁବନେଶ୍ୱର୍‌ନୁ ମୁଲ୍ ହେବା । କର୍ମଶାଲାଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଉଦ୍‌ଘାଟନ୍ କର୍‌ବେ । ଜଙ୍ଗଲ, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶରାମ ସିଂହ ଖୁଂଟିଆ ଭିଲ୍ ଉପସ୍ଥିତ୍ ରହେବେ ।

## ଅନ୍‌ଲାଇନ୍ ଗେମିଂ ବିଲ୍ ଭୁବନେଶ୍ୱର ସମ୍ବାଦଦାତା

ଲୋକ ସଭା ନ ଗଲକାଏଲ୍ ଅନ୍‌ଲାଇନ୍ ଗେମିଂ ପ୍ରସାର ଆଉ ନିୟନ୍ତ୍ରଣ ବିଧେୟକ୍-୨୦୨୫ ପାରିତ୍ ହେଇଛେ । ଲୁକ୍‌କୁ, ଖାସ୍ କରି ଯୁଆନ୍ ପିଢ଼ିଙ୍କୁ ଅନ୍‌ଲାଇନ୍ ଖେଲର୍ ସାମାଜିକ୍, ଆର୍ଥିକ୍ ମାନସିକ ଆଉ ଗୋପନୀୟତାର୍ ଖରାପ୍ ପ୍ରଭାବ୍‌ନୁ ସୁରକ୍ଷା ଦେବାର୍‌ଟା ଇ ବିଲ୍‌ର ମୁଖ୍ୟ ଉଦ୍ଦେଶ୍ ଆଏ । ଇ ବାବ୍‌ଦେ ସୂଚ୍‌ନା ପ୍ରଯୁକ୍ତି ବିଦ୍ୟା ବିଶେଷଜ୍ଞ ହୋଚିମିନ୍ ଦେବ୍‌ତା କହିଛନ୍...

(ଭଏସ୍----ହୋଚିମିନ୍ ଦେବ୍‌ତା)

ବିଶ୍ୱ ଦକ୍ଷତା କେନ୍ଦ୍ର- ନାଁଲେଖା I&PR

ଭୁବନେଶ୍ୱର ନ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ନ ୨୦୨୫-୨୬ ଶିକ୍ଷା ବଛର୍ ଥି ନାଁ ଲେଖା ଲାଗି ଅନ୍‌ଲାଇନ୍ ପ୍ରକ୍ରିୟା ଚାଲିଛେ । ଭିନ୍ ଭିନ୍ ଅତ୍ୟାଧୁନିକ୍ ପାଠ୍ୟକ୍ରମ୍‌ଥି ତାଲିମ୍ ନେବାର୍ ଲାଗି ଇଚ୍ଛୁକ ଛାତ୍ରଛାତ୍ରୀ କେନ୍ଦ୍ରର୍ ୱେବ୍‌ସାଇଟ୍ www.worldskillcentre.org ଥି ସେପ୍ଟେମ୍ବର ୧ ତାରିଖ୍ ତକ୍ ଆବେଦନ୍ କରିପାର୍‌ବେ ।

ଫିଡ଼େ ରେଟିଂ ଚେସ୍ ଚମ୍ପିଆନ୍‌ସିପ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଚାଲିଥିବା ରାଜ୍ୟ ବରିଷ୍ଠ ଫିଡ଼େ ରେଟିଂ ଚେସ୍ ଚମ୍ପିଆନ୍‌ସିପ୍ ଉଦ୍‌ଯାପିତ୍ ହେଇଯାଇଛେ । ୫ ଦିନ୍ ଧରିକରି ଚାଲିଥିବା ପ୍ରତିଯୋଗିତାଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ପ୍ରତିଯୋଗୀମାନେ ଭାଗ୍ ନେଇଥିଲେ । ଇଥି ଗଜପତି ଜିଲ୍ଲାର୍ ତପନ୍ ବଡ଼ମୁଣ୍ଡି ଚମ୍ପିଆନ୍ ହେଇଛନ୍ ।

ହକି ଚେମ୍ପିଆନ୍‌ସିପ୍             ଆର୍‌ଏନ୍‌ୟୁ/ ସମ୍ବଲପୁର

ପଞ୍ଜାବର ଜଲନ୍ଧରଠାନେ ଚାଲିଥିବା ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚେମ୍ପିଆନ୍‌ସିପ୍‌ର ଓଡ଼ିଶା ଦଲ୍ ସେମି ଫାଇନାଲ୍‌କେ ଯାଇଛେ । ଗଲାକାଲ୍ ଖେଲାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମେଚ୍‌ଥି ଓଡ଼ିଶା ଦଲ୍ ୯/୦ ଗୋଲ୍ ଦେଇକରି ମଣିପୁରକେ ହରେଇଥିଲା ।

ପାଣିପାଗ             ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର ନ ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ସହେତେ କେନ୍ଦୁଝର, ମୟୁରଭଞ୍ଜ ଆଉ ବାଲେଶ୍ୱର ଜିଲ୍ଲାନ ଅତି ଜବର୍ ବର୍ଷା ହୋଇପାରେ ବଲି  ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।